## ସଂକ୍ଷେପରେ

### ଭାଲୁ କାମୁଡ଼ାରେ ଜଣେ ଗୁରୁତର

ପାପଡ଼ାହାଣ୍ଡି, ୨୫।୧୨(ସ୍ୱପ୍ନଜିତ ପଟ୍ଟନାୟକ)

ନରଙ୍ଗପର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ଛଟାଗୁଡ଼ା ଗ୍ରାମର ଖଗପତି ପୂଜାରୀ (୪୨) ଭାଲୁ କାମୁଡ଼ାରେ ଗୁରୁତର ହୋଇଛନ୍ତି। ତାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ଖଗପତି ସକାଳ ୧୦ଟାରେ ନିଜ ଗ୍ରାମ ନିକଟସ୍ଥ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିଲେ। ଜଙ୍ଗଲ ଭିତରେ ଲୁଚି ରହିଥିବା ମା ଓ ୨ଟି ଭାଲୁ ଛୁଆ ଭାଲୁ ଆସି ଖଗପତିଙ୍କୁ ଆକ୍ରମଣ କରିଥିଲେ। ଦୀର୍ଘ ସମୟ ଧରି ଭାଲୁ ସହ ଲଢ଼ି ଖଗପତି ଖସି ଆସି ସ୍ଥାନୀୟ ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ଏହାପରେ ଗ୍ରାମବାସୀ ଓ ଖବଗତିଙ୍କ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏବେ ଖଗପତିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ସୂଚନା ଦେଇଛନ୍ତି।

### 'ଏ ଆଖି ଖୋଜୁଛି ତୋତେ' ମଞ୍ଚସ୍ଥ

ଚନ୍ଦାହାଣ୍ଡି, ୨୫।୧୨(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରିଗୁଡ଼ା ଗ୍ରାମରେ ମହାଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଛି। ଉମାକାନ୍ତି ସାହୁ ଓ ପବିତ୍ର ମୋହନ ସାହୁ କର୍ତ୍ତା ଏବଂ ରମେଶ ଚନ୍ଦ୍ର ପାଣ୍ଡ ପୂଜକଭାବେ ଉପସ୍ଥିତ ଥିଲେ। ହୁଙ୍କାର ଦାସ ସହଯୋଗୀଭାବେ ପୂଜା ଦାୟିତ୍ୱ ତୁଲାଉଥିଲେ। ପୂଜାରେ ବିଭିନ୍ନ ଦିନ ବିଭିନ୍ନ ଗ୍ରାମର ସଂସ୍କୃତିକ ଦଳ ଭାଗ ନେଇ ନୃତ୍ୟ ପରିବେଷଣ କରିଥିଲେ । ଶେଷ ରାଜନୀରେ ଗମ୍ଭାରିଗୁଡ଼ା ଯୁବ କଳାକାରଙ୍କ ଦ୍ୱାରା 'ଏ ଆଖି ଖୋଜୁଛି ତୋତେ' ମଞ୍ଚସ୍ଥ କରାଯାଇଥିଲା। ଉକ୍ତ ନାଟକର ନିର୍ଦ୍ଦେଶନା ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ସଙ୍ଗୀତ ନିର୍ଦ୍ଦେଶନା ଅରୁଣ ସାହୁ ଦେଇଥିଲେ। ପୂର୍ବ କାଳରୁ ଗ୍ରାମର ବୟୋଜ୍ୟେଷ୍ଠ କଳାକାରମାନେ ବିଭିନ୍ନ କଳାକୁ ବଞ୍ଚାଇ ରଖିଥିବାବେଳେ, ତାହାକୁ ଅନୁକରଣକରି ଏବେର ଯୁବପିଢ଼ି ମଧ ପ୍ରତ୍ୟେକ ବର୍ଷ ବିଭିନ୍ନ ସାମାଜିକ, ସାଂସ୍କୃତିକ, ତଥା ଗ୍ରାମର ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରି ସଫଳତା ହାସଲ କରିଛନ୍ତି। ବ୍ରହ୍ମପୁରରୁ ମହିଳା କଳାକାର, ଓଜେଏସ୍‌ଆର୍ ଡ୍ୟାନ୍ସ ଗ୍ରୁପ୍ କାର୍ଯ୍ୟକ୍ରମରେ କଳା ପ୍ରଦର୍ଶନ କରିଥିଲେ। ପୂଜା ଓ ନାଟକ ପରିଚାଳନାରେ ମହାଲକ୍ଷ୍ମୀ ପୂଜା କମିଟି ର ସଦସ୍ୟାସଦସ୍ୟ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ରବି ପାଢୀଙ୍କ ଜୟନ୍ତୀ ପାଳିତ

ଗୁଣପୁର, ୨୫।୧୨(ପ୍ରଦୀପ କୁମାର ପାଢ଼ୀ)

କୃଷକ ନେତା ସ୍ୱର୍ଗତ ରବି ପାଢୀଙ୍କ ୮୦ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଗୁଣପୁର ସହରର ପଣଷଗୁଡାସ୍ଥିତ ସ୍ୱାଭିମାନ ଛକରେ ଥିବା ସ୍ୱର୍ଗତ ପାଢୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ରବି ପାଢୀ ସ୍ମୃତି କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଲୋକନାଥ ପାଢୀ, ନୀଳମାଧବ ପାଢୀ, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଅବସରପ୍ରାପ୍ତ ଅଧ୍ୟାପକ ଗଣେଶ ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ନାୟକ, ରାମ ପଟ୍ଟନାୟକ, ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସ, ସମାଜିକ କର୍ମୀ ଅଶୋକ ରଥ, ପ୍ରେସ କ୍ଲବ ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପାଢୀଙ୍କ ସ୍ମୃତିଚାରଣ କରିଥିଲେ।

# ଆଜିଠୁ ରାୟଗଡ଼ାର ଲୋକମହୋତ୍ସବ ଚଇତି

ରାୟଗଡ଼ା, ୨୫।୧୨(ଆଶିଷ ରଞ୍ଜନ ପଣ୍ଡା)



**୫ଦିନ ଧରି ଚାଲିବ ଚଇତି, ପଲ୍ଲିଶ୍ରୀ ମେଳା**
- ମା' ମଝିଘରିଆଣୀଙ୍କ ମନ୍ଦିରରୁ ବାହାରିବ କଳସ ଯାତ୍ରା
- ଦର୍ଶକଙ୍କୁ ଝୁମାଇବେ ରାଜ୍ୟ ଓ ବାହାରର କଳାକାର

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି ଓ ପଲିଶ୍ରୀମେଳା ମଙ୍ଗଳବାରଠାରୁ ସ୍ଥାନୀୟ ଜିସିଡି ପଡ଼ିଆରେ ଆରମ୍ଭ ହେବ। ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ୨ ଦିନ ଚଇତି ଏବଂ ଶେଷ ୩ ଦିନ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷା ସ୍ୱଧା ଦେବ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ପ୍ରସ୍ତୁତି ସରିଛି। ଲୋକଙ୍କୁ ଚଇତିରେ ଯୋଗଦେବା ପାଇଁ ଜିଲାପାଳ ସିଂ ଏକ୍ସରେ ଅନୁରୋଧ କରିଛନ୍ତି। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏଥିପାଇଁ ପଡ଼ୋଶୀ ଜିଲାମାନଙ୍କରୁ ମଧ ଫୋର୍ସ ମଗାଯାଇଥିବା ଜଣାପଡ଼ିଛି।

ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରରୁ କଳସ ଯାତ୍ରା ବାହାରି ନଗର ପରିକ୍ରମା କରି ଚଇତି ମଣ୍ଡପରେ ପହଞ୍ଚିବ। ଏହାପରେ କାର୍ଯ୍ୟକ୍ରମ ଉଦ୍‌ଯାପନ କରାଯିବ। ୫ ଦିନ ଧରି ମନ୍ତ୍ରୀ, ସଚିବ ଓ ଲୋକପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସଂସ୍କୃତି ପରିଷଦ ପକ୍ଷରୁ ସୂଚନା ମିଳିଛି। ପ୍ରତ୍ୟେକ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାର କଳାକାର ନିଜ କଳା ପ୍ରଦର୍ଶନ କରିବେ।

ବିଭିନ୍ନ ହାତ ତିଆରି ସାମଗ୍ରୀ ବିକ୍ରି କରିବା ପାଇଁ ଓରମାସ୍ ପକ୍ଷରୁ ୩୦୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ଲଗାଯାଇଛି। ଚଳିତଥର ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଜିଲାରୁ ଓ ରାଜ୍ୟ ବାହାରୁ ୫୮ଟି ସାଂସ୍କୃତିକ ଦଳ କଳା ପ୍ରଦର୍ଶନ କରିବେ। ଆସାମର ଲୋକନୃତ୍ୟ ବିହୁ, ମହାରାଷ୍ଟ୍ରର କଲି, ଲାୱନି ନୃତ୍ୟ, ଆନ୍ଧ୍ରପ୍ରଦେଶର ସ୍ପେଶିଆଲ ନୃତ୍ୟ ଏବଂ ଛତିଶଗଡ଼ର ମାଢ଼ାଇ ଚଳିତ ଚଇତିରେ ବିଶେଷ ଆକର୍ଷଣ ରହିବ। ରାଜ୍ୟ ଓ ରାଜ୍ୟ ବାହାରୁ ସ୍ୱନାମଧନ୍ୟ କଣ୍ଠଶିଳ୍ପୀମାନେ ମଧ ଦର୍ଶକଙ୍କୁ ଝୁମାଇବେ। ବର୍ତ୍ତମାନ ସ୍ଥିତିରେ ତୃତୀୟ ରେଲଲାଇନ୍ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଅଣ୍ଡରପାସ ସବ୍‌ୱେ ବନ୍ଦ ରହିଛି। ଫଳରେ ଟ୍ରାଫିକ ସମସ୍ୟା ରହିବ। ଫ୍ଲାଏଓଭରରେ ବ୍ୟାପକ ଗହଳି ହେବା ଏକପ୍ରକାର ନିଶ୍ଚିତ। ଦୁର୍ଘଟଣା ଆଶଙ୍କା ମଧ ରହିଛି। ତେଣୁ ପୋଲିସ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

## ଖୁସି, ଶାନ୍ତିର ପ୍ରତୀକ ବଡ଼ଦିନ ପାଳିତ



ରାୟଗଡ଼ା, ୨୫।୧୨(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ାର ବିଭିନ୍ନ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଯିଶୁ ଖ୍ରୀଷ୍ଟଙ୍କର ଜନ୍ମଦିନ ପାଳନ କରିଛନ୍ତି। ରାୟଗଡ଼ା ସହରରେ ଥିବା ସମସ୍ତ ଚର୍ଚ୍ଚ ଉତ୍ସବମୁଖର। ଷ୍ଟେଟ ବ୍ୟାଙ୍କ ନିକଟରେ ଥିବା ଲୁଥେରାନ ଟାଉନ ଚର୍ଚ୍ଚରେ ଅନେକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ସେମାନେ କ୍ୟାଣ୍ଡେଲ ଜାଳି ଯିଶୁଙ୍କ ଆଶୀର୍ବାଦ କାମନା କରିଥିଲେ। ସେହିପରି ପାଷ୍ଟର ଆଣ୍ଡ୍ର୍ୟୁ ବାଛେଲିଙ୍କ ସହ ଅନ୍ୟ ସହଯୋଗୀ ବାଇବେଲ ପଢ଼ି ବୁଝାଇଥିଲେ। ଶ୍ରଦ୍ଧାଳୁମାନେ ଏହାକୁ ଅନୁସରଣ କରିବା ସହ ସାମୂହିକ ପ୍ରାର୍ଥନା କରିଥିଲେ। ରବିବାରରୁ ବିଭିନ୍ନ ଚର୍ଚ୍ଚଗୁଡିକରେ ସଣ୍ଡେ ସ୍କୁଲ ଏବଂ (ୟୁ) ୟୁଥ ସଂସ୍ଥାର ଯୁବତୀଯୁବକ ସାଂସ୍କୃତିକ କାର୍ଯ୍ୟକ୍ରମ କରିଛନ୍ତି। ସେହିପରି ସୋମବାର ରାତିରେ ମଧ ଗୀତ, ନାଚ ଗୀତ କରାଯାଇଛି।

## ଚର୍ଚ୍ଚରେ ବଡ଼ଦିନ ଉପଲକ୍ଷେ ପ୍ରାର୍ଥନା ସଭା



ଡାବୁଗାଁର ଏକ ଚର୍ଚ୍ଚରେ ଆୟୋଜିତ ପ୍ରାର୍ଥନା ସଭାରେ ଖ୍ରୀଷ୍ଟଧର୍ମାବଲମ୍ବୀ।

ଡାବୁଗାଁ, ୨୫।୧୨(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଚର୍ଚ୍ଚରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ ପ୍ରଭୁ ଯିଶୁଙ୍କ ଜନ୍ମଦିନ ମହା ଆଡମ୍ବରରେ ପାଳନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଚର୍ଚ୍ଚରେ ରବିବାର ସନ୍ଧ୍ୟାରୁ ଆୟୋଜିତ ପ୍ରାର୍ଥନା ସଭା ସୋମବାର ପର୍ଯ୍ୟନ୍ତ ଚାଲିଥିଲା। ଚର୍ଚ୍ଚ ପାଷ୍ଟର ପ୍ରଦୀପ ଗରଡ଼ା ଯିଶୁଖ୍ରୀଷ୍ଟଙ୍କ ବାଣୀ ଏବଂ ବାଇବେଲର ନୀତିବାଣୀ ପଠନ କରିଥିଲେ। ସ୍ଥାନୀୟ ଚର୍ଚ୍ଚର ସଭାପତି ପ୍ରତାପ କୁମାର ନାୟକ, ଉପସଭାପତି ସୁମିତ କୁମାର ନାଗ, ସମ୍ପାଦକ କେଶରୀ ନାୟକ, ଦୀପକ ନାୟକ, କୋଷାଧ୍ୟକ୍ଷ ଗୋପାଳ ବାହାଦୁର, ଜ୍ୟୋତିମହିନୀ ଭତ୍ରା, ଜଗଦୀଶ ଭତ୍ରା, କଇନକିଶୋର ଖୋସଲା, ଦୀପକ ନାୟକ, ବୁଲୁ ଗରଡ଼ା ପ୍ରମୁଖ ବିଧିବଦ୍ଧ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଜପାୟୀଙ୍କ ଜୟନ୍ତୀ ପାଳିତ

ଟିକିରି, ୨୫।୧୨(ପ୍ରଫୁଲ୍ଲ କୁମାର ବେହେରା)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପାୟୀଙ୍କ ଜନ୍ମ ଜୟନ୍ତୀ ଟିକିରିସ୍ଥିତ ହନୁମାନ ମନ୍ଦିରରେ ପାଳନ କରାଯାଇଛି। ଭାଜପା କର୍ମୀମାନେ ବାଜପାୟୀଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଏହି ସମୟରେ ବସନ୍ତ ଉଲ୍ଲକା, ଟିକିରି ମଣ୍ଡଳ ସଭାପତି ସନ୍ତୋଷ ମହାନ୍ତି, ଚନ୍ଦ୍ରଶେଖର ଖରା, ପ୍ରଶାନ୍ତ ମାଝି, ଲାବଣ୍ୟ ନାଏକ, ସୁଶାନ୍ତ ପ୍ରଧାନ, କାହ୍ନୁଚରଣ ବେହେରା, ଉମା ଦଣ୍ଡସେନା,



ସିଲୁ ପାତ୍ର, ରିଙ୍କୁ ବେହେରା, ଗଜେନ୍ଦ୍ର ଖୋଡିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଉମରକୋଟ, ଚନ୍ଦାହାଣ୍ଡିରେ ସୁଶାସନ ଦିବସ



ଉମରକୋଟରେ ବିଧାୟକ ଓ ଅନ୍ୟମାନେ ବାଜପାୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ।

ଉମରକୋଟ/ଚନ୍ଦାହାଣ୍ଡି, ୨୫।୧୨ (ସନ୍ତୋଷ ଶତପଥୀ/ଦିଲୀପ ଦାସ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଭାଜପା କାର୍ଯ୍ୟାଳୟରେ ସୁଶାସନ ଦିବସ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଜନ୍ମଦିନ ପାଳନ କରାଯାଇଛି। ଏହି ଉପଲକ୍ଷେ ପ୍ରଥମେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଦଳୀୟ କର୍ମକର୍ତ୍ତାଙ୍କ ସହ ଉମରକୋଟ ଡାକ୍ତରଖାନା ଯାଇ ରୋଗୀଙ୍କ ଫଳ ବଣ୍ଟନ କରିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପରେ ସେଠାରୁ ଦଳୀୟ କାର୍ଯ୍ୟାଳୟରେ ବାଜପାୟୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବାଜପେୟୀଙ୍କ ଦେଶ ପାଇଁ ଉତ୍ସର୍ଗତା ତାଙ୍କର ପ୍ରଖର ରାଷ୍ଟ୍ରବାଦ ଭାବନା ଓ ବିଚାରଧାରା ସମ୍ପର୍କରେ ଆଲୋଚନା କରାଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ପୂଜାରୀ, ଜିଲା ସାଧାରଣ ସମ୍ପାଦକ ଅଶୋକ ପାଢ଼ୀ, ସଂଯୋଜକ ସୁରେଶ ଆଚାର୍ଯ୍ୟ, ନଗର ସଭାପତି ଗୋପୀନାଥ ସାହୁ, ମହିଳା ଜିଲା ସମ୍ପାଦିକା ମନ୍ଦିରା ନାୟକ, ରମେଶ ଦାସ, ସୀମାଞ୍ଚଳ ମଲ୍ଲିକ, ଆଶୁ ମଣ୍ଡଳ, ଭାଲୁ ସାହୁ, ତପନ ଦାସ, ରାମହରି, ଟିଙ୍କୁ ଭାଇ, ସାନ ଭାଇ, ମିଲୁ ପଣ୍ଡା, ପୂର୍ଣ୍ଣ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାତ ନାୟକ ମଞ୍ଚ ପରିଚାଳନା କରିଥିଲେ।

ଚନ୍ଦାହାଣ୍ଡି ବ୍ଲକ ଭାଜପା ପକ୍ଷରୁ ଶ୍ୟାମସୁନ୍ଦର ମାଝିଙ୍କ ନେତୃତ୍ୱରେ ସୁଶାସନ ଦିବସ ଓ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାୟଗଡ଼ା ପ୍ରଭାରୀ ଗୋବିନ୍ଦ ଜୈନ, ବରିଷ୍ଠ ନେତା ଅକାଲୁ ଜାଲି, ଭରତ ବାଘ, ପ୍ରତାପ ବାଘ, ପୌରୁଷ ମାଝି, ଭୋଦେବ ବାଘ, ତିଳକ ସିଂ ପୋଡ଼, ଅତବଲ ସୋରୀ, ଡମ୍ବରୁନାୟକ, ଉମାଶଙ୍କର ଦଳେଇ, ଭଗବାନ ମାଝି, ମହେନ୍ଦ୍ର ନାୟକ, ମୋତିଲାଲ ହଂସ, ଶ୍ରୀରାମ ଜଗତ, ପ୍ରେମଲାଲ ପଟେଲ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ଜଗତ୍‌ସିଂହପୁର ଚାମ୍ପିୟନ, ରାୟଗଡ଼ା ରନର୍ସଅପ୍




ରନର୍ସ ଅପ୍ ରାୟଗଡ଼ା ଦଳକୁ ପୁରସ୍କୃତ କରାଯାଉଛି।

ରାୟଗଡ଼ା, ୨୫।୧୨(ଆଶିଷ ରଞ୍ଜନ ପଣ୍ଡା)

**୩୧ତମ ରାଜ୍ୟସ୍ତରୀୟ ସିନିୟର ବଲ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

ପୁରୀ ଜିଲା କୋଣାର୍କସ୍ଥିତ କୋଣାର୍କ ଭଗବତୀ ମହାବିଦ୍ୟାଳୟରେ ୩୧ତମ ରାଜ୍ୟସ୍ତରୀୟ ସିନିୟର ବଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ୨୨ତାରିଖରୁ ଆରମ୍ଭ ହୋଇ ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଫାଇନାଲ ମ୍ୟାଚରେ ରାୟଗଡ଼ା ଓ ଜଗତ୍‌ସିଂହପୁର ପରସ୍ପରକୁ ଭେଟିଥିଲେ। ୩ଟି ସେଟ୍‌ରେ ୩୫–୨୯, ୩୦–୩୫ ଓ ୩୩–୩୫ ସ୍କୋର ହୋଇଥିଲା। ଦୁଇଟି ସେଟ୍‌ରେ ଜଗତ୍‌ସିଂହପୁର ଅଧିକା ସ୍କୋର କରିଛି। ଫଳରେ ଏହି ଟୁର୍ନାମେଣ୍ଟରେ ଜଗତ୍‌ସିଂହପୁର ଜିଲା ଚାମ୍ପିୟନ ଓ ରାୟଗଡ଼ା ଟିମ୍ ରନର୍ସ ଅପ୍ ହୋଇଛି। ରାୟଗଡ଼ା ଟିମ୍‌ରେ ଜି.ଚନ୍ଦ୍ରଶେଖର, ପି.ସତ୍ୟନାରାୟଣ, ବି.ତ୍ରିନାଥ ରାଓ, ପବନ କୁମାର ମାଝି, ସାଗର କୁମାର ଦଳାଇ, ତନୁଜ କୁମାର ବାସୱା, ଆଶୁତୋଷ ପାଢ଼ୀ, ବିଶ୍ୱଜିତ ଦାସ ଓ ଲିଙ୍ଗା ରେଡ୍ଡୀ ପ୍ରମୁଖ ରହିଛନ୍ତି।

## ସାମାଜିକ କର୍ମୀଙ୍କ ପରଲୋକ

ନବରଙ୍ଗପୁର, ୨୫।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମତ୍ସ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀ ବାଳକୃଷ୍ଣ ନାୟକଙ୍କ ରବିବାର ରାତିରେ ତାଙ୍କ ଜୟପୁର ଗୌଡ଼ ସାହିସ୍ଥିତ ପୈତୃକ ଘରେ ପରଲୋକ ଘଟିଛି। ତାଙ୍କୁ ୫୫ ବର୍ଷ ହୋଇଥିଲା। ମାସେ ତଳେ ହଠାତ୍ ଦେହ ଖରାପ ହେବାରୁ ସେ ଜୟପୁର ମେଡିକାଲ ଏବଂ ପରେ ବିଶାଖାପାଟଣା ଯାଇ ଚିକିତ୍ସା ହେଉଥିଲେ। ସୁସ୍ଥ ହେବା ପରେ ଜୟପୁର ଫେରି ଆସିଥିଲେ। ରବିବାର ରାତି ପ୍ରାୟ ୧୨ଟାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ନବରଙ୍ଗପୁର ମତ୍ସ୍ୟ ବିଭାଗରେ ସେ ପ୍ରାୟ ୨୦ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ। ସେ ମିଷ୍ଟଭାଷୀ, ପରୋପକାରୀ, ସାମାଜିକ କର୍ମୀଭାବେ କାର୍ଯ୍ୟକରି ଲୋକଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କର ଏହି ଅକାଳ ବିୟୋଗରେ ରବୀନ୍ଦ୍ର ମହାପାତ୍ର, ବଂଶୀ ରଥ, ରାମ ମିଶ୍ର, ଅଶୋକ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ଏସ୍.ଭି. ଚାଲମ୍, ବିଜୟ ସାହୁ, ଜଗନ୍ନାଥ ବେହେରା, ସତ୍ୟପ୍ରିୟ ଶତପଥୀ, ରଘୁନାଥ ରଥ, ନବ ବେହେରା, ଶ୍ରାବଣ କୁମାର ଝାଙ୍କ ସହ ଅନେକ ଜଣାଶୁଣା ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ଖ୍ରୀଷ୍ଟମାସ୍ ଶୁଭେଚ୍ଛା ଜଣାଇଲେ ନାଗାବଳୀ ଲାୟନ୍ସ କ୍ଲବ ସଦସ୍ୟ



ରାୟଗଡ଼ା, ୨୫।୧୨(ଆଶିଷ ରଞ୍ଜନ ପଣ୍ଡା)

ନାଗାବଳୀ ଲାୟନ୍ସ କ୍ଲବର ସଦସ୍ୟମାନେ ରାୟଗଡ଼ା ସହରସ୍ଥିତ ପୁରୁଣା ଥାନା ନିକଟସ୍ଥ ଚର୍ଚ୍ଚରେ ଖ୍ରୀଷ୍ଟମାସ୍ ପାଳନ କରିଛନ୍ତି। ସଦସ୍ୟମାନେ ସେଠାରେ ଉପସ୍ଥିତ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲାୟନ ଡ.ଦୁଷ୍ମନ୍ତ ମହାନ୍ତି, ଲାୟନ ଡ.ପ୍ରସନ୍ନ ଗନ୍ତାୟତ, ଲାୟନ ବ୍ରଜସୁନ୍ଦର ନାୟକ, ଲାୟନ ବାବୁଲାଲ ଗନ୍ତାୟତ, ଲାୟନ ଅଜିତ ପାଣିଗ୍ରାହୀ, ଲାୟନ ଲାବଣ୍ୟ ପଟ୍ଟନାୟକଙ୍କ ସହ ସମ୍ପାଦକ ଲାୟନ ରବି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ରୟାଲପଦରରେ ଗୀତାଯଜ୍ଞ

ପଦ୍ମପୁର, ୨୫।୧୨(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅଧୀନ ରୟଲପଦର ଛକରେ ଶ୍ରୀ ତ୍ରିନାଥ ମନ୍ଦିର ଆନୁକୂଲ୍ୟରେ ଗୀତଯଜ୍ଞ ମହାଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଭାଗବତ ଟୁଙ୍ଗି ପରିଚାଳକ ତଥା ଗୀତଯଜ୍ଞ ପ୍ରବର୍ତ୍ତକ ନରସିଂହ ନାଥ ପଣ୍ଡା ହୋମଯଜ୍ଞ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଗୀତାପାଠ କରିବା ଆବଶ୍ୟକ ବୋଲି ଅନୁଷ୍ଠାନ ପରିଚାଳକ ପ୍ରଦୀପ ବାହିନୀପତି କହିଥିଲେ। ଏଥିରେ ରୟାଲପଦର ଗ୍ରାମର ଗୌର ଗଦାଧର ସଙ୍କୀର୍ତ୍ତନ ମଣ୍ଡଳୀ, ମାରିଗୁଡ଼ା ଶ୍ରୀ ଚୈତନ୍ୟ ସଙ୍କୀର୍ତ୍ତନ ମଣ୍ଡଳୀ ଏବଂ ଖମାପଦର ଗୌରହରି ସଙ୍କୀର୍ତ୍ତନ ମଣ୍ଡଳୀ ସହଯୋଗକ୍ରମେ ଏହା ଆୟୋଜନ କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁତ ଲୋକ ସକାଳୁ ଆସି ହୋମଯଜ୍ଞରେ ଯୋଗଦେଇ ଆନନ୍ଦ ସହକାରେ ପୂଜାର୍ଚ୍ଚନା କରିଥିଲେ। ତ୍ରିନାଥ ମନ୍ଦିର ପରିଚାଳକ କମିଟି ସଭାପତି ପ୍ରଦୀପ କୁମାର ବାହିନିପତି, ସମ୍ପାଦକ ଶତ୍ରୁଘ୍ନ ପାତ୍ର, କୋଷାଧ୍ୟକ୍ଷ ସୁଦାମ ଶବରଙ୍କ ସହଯୋଗକ୍ରମେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



## ମେଦନାର ଇଷ୍ଟଦେବୀ ମାଁ କାଳୀ କଙ୍କାଲୁଣୀଙ୍କ ଦଶହରା

ଡାବୁଗାଁ, ୨୫।୧୨(ପ୍ରଜ୍ଞାରଞ୍ଜନ ପରିଡ଼ା)





ମାଁ'ଙ୍କ ପାଲିଙ୍କି, ଲାଠି, କୁର୍ଚ୍ଚିକୁ ଶିରା ଦିଶାରୀମାନେ ଶୋଭାଯାତ୍ରାରେ ନେଉଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ ସଦର ଗ୍ରାମର ଇଷ୍ଟଦେବୀ ଗ୍ରାମଦେବୀ ମାଁକାଳୀ କଙ୍କାଲୁଣୀଙ୍କ ଦଶହରା ଧୁମଧାମରେ ପାଳିତ ହୋଇଛି। ମାଁ କାଳୀ କଙ୍କାଲୁଣୀ ମେଦନା ଗ୍ରାମର ଇଷ୍ଟଦେବୀ ଭାବେ ଆଦିମ କାଳରୁ ଗାଁର ହାଟପଦା ପଡିଆରେ ପୂଜା ପାଇ ଆସୁଛନ୍ତି। ବଜାର ପଡ଼ିଆ ପରିସରରେ ମାଁଙ୍କର ଏକ ସୁନ୍ଦର ମନ୍ଦିର ରହିଛି। ଆଖପାଖ ଅଞ୍ଚଳରୁ ଭକ୍ତମାନେ ଆସି ମାଁଙ୍କ ପାଖରେ ମାନସିକ ରଖିଥାନ୍ତି। ପ୍ରତିବର୍ଷ ମାର୍ଗଶିର ମାସରେ ମାଁଙ୍କ ଦଶହରା ପଡ଼େ। ଗ୍ରାମବାସୀ ଅତି ଶ୍ରଦ୍ଧାର ସହ ମାଁ ଙ୍କର ଏହି ଉତ୍ସବ ପାଳନ କରିଥାନ୍ତି। ମାଁ'ଙ୍କ ଦଶହରାରେ ଆଖପାଖ ଗ୍ରାମର ଦେବଦେବୀଙ୍କ ସହ ଶିରା, ପୂଜାରୀ, ଲାଠି, ପାଲିଙ୍କି, ନରିଆ ନିମନ୍ତ୍ରିତ ହୋଇ ମାଁଙ୍କ ପୀଠକୁ ଆସିଥାନ୍ତି। ଏହାପରେ ଧୁମଧାମରେ ବଡ ଆଡମ୍ବର ଏହି ପୂଜା ପାଳନ କରାଯାଏ। ଗ୍ରାମର ମୁଖ୍ୟ ବ୍ୟକ୍ତିମାନେ ଗ୍ରାମରେ ବୈଠକ ଡାକି କମିଟି ଗଠନ କରି ଶାନ୍ତି ଶୃଙ୍ଖଳାରେ ଏହି ଦଶହରା ପାଳିଥାନ୍ତି। ପୂଜା ପଡ଼ିଆରେ ଉଠାଦୋକାନୀମାନଙ୍କ ପ୍ରବଳ ଭିଡ ଜମେ। ଲୋକେ ମା 'ଙ୍କ ଦର୍ଶନ କରିବା ସହ ଉଠା ଦୋକାନୀଙ୍କଠାରୁ ନାନା ପ୍ରଜାତିର ଖାଦ୍ୟ ସାମଗ୍ରୀ ଓ ଗୃହ ଉପକରଣ କିଣିବାର ମଜା ନେଉଛନ୍ତି। ଜନସାଧାରଣଙ୍କ ମନୋରଞ୍ଜନ ନିମନ୍ତେ ୨ଟି ଦେଶିଆ ନାଟକ ଆୟୋଜନ କରାଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି, ମେଦନା ପୂର୍ବତନ ସରପଞ୍ଚ ହିରଣ୍ୟ ମାଝି, ପୂର୍ବତନ ନାଏବ ସରପଞ୍ଚ ତୁଳାରାମ ଗୌଡ଼, ଶଶୀଧର ମାଝି, ୱାର୍ଡ ମେମ୍ବର ମଧୁ କଲାର, ହରି ହରିଜନ, ଦାସ ଭତରା, ବିଶ୍ୱନାଥ ପୂଜାରୀ, ପର୍ଶୁରାମ କଲାର, ଜଗନ୍ନାଥ ମେହେର, କମଳଛନ ମାଝି, ହରିବନ୍ଧୁ ଭତରା, ସୋମନାଥ ଗୌଡ଼, ଶିବପ୍ରସାଦ ମିଶ୍ର, ରାଜମନ କଲାର, ଦୀନବନ୍ଧୁ ମାଝି, ସୁବାସ ହରିଜନ, ପୁରୁଷ ମାଝି, ସୋନୁ ମାଝି, ଘାସି ପୂଜାରୀ, ମଙ୍ଗଲୁ ପୂଜାରୀ, ଶୀଦାସ ଗାଣ୍ଡା ପ୍ରମୁଖ ମା'ଙ୍କ ଦଶହରା ପର୍ବର ମୁଖ୍ୟ ଦାୟିତ୍ୱ ଗ୍ରହଣ କରି ପର୍ବଟିକୁ ସରସ ସୁନ୍ଦର କରିଛନ୍ତି।

## ସଂକ୍ଷେପରେ

### ନନ୍ଦପୁର ଅଞ୍ଚଳର ୩ ପାଇଲେ ମନସ୍ୱିନୀ ସମ୍ମାନ

ନନ୍ଦପୁର, ୨୫।୧୨(ଶଙ୍କର ପୂଜାରୀ)

ରାଜ୍ୟସ୍ତରୀୟ ସାହିତ୍ୟ ଅନୁଷ୍ଠାନ ମନସ୍ୱିନୀର ୪୭ତମ ସାରସ୍ୱତ ସମାରୋହ ରବିବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନନ୍ଦପୁର ବ୍ଲକର ୩ଜଣଙ୍କୁ ମନସ୍ୱିନୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୋରାପୁଟ ଜିଲାର ସାହିତ୍ୟିକ ବିଚିତ୍ରାନନ୍ଦ ପଣ୍ଡା, ଶିକ୍ଷକ ଭଗବାନ ମହାପାତ୍ର, ଓଡିଶୀ ନୃତ୍ୟ ଶିଳ୍ପୀ ଶୁଭଲକ୍ଷ୍ମୀ ମହାପାତ୍ର ସମ୍ମାନିତ ହୋଇଥିଲେ। ଉତ୍ସବକୁ ସଭାପତି ରୂପେ ଆର୍ଯ୍ୟକବି ପଣ୍ଡିତ ଡ. ପ୍ରମୋଦ କୁମାର ପରିଚାଳନା କରିଥିଲେ। ମୁଖ୍ୟଅତିଥି ରୂପେ ଡ. ପ୍ରସନ୍ନ ପାଟଶାଣୀ, ମୁଖ୍ୟବକ୍ତା ରୂପେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ସମ୍ମାନିତ ଅତିଥି ରୂପେ ପ୍ରତିଷ୍ଠାତା ଗିରିଜା ଶଙ୍କର ଶ୍ରୀଚନ୍ଦନ ମହାପାତ୍ର, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ।

### ଦରମା ଦାବିରେ ୟୁନିଟ୍ ହେଡ୍‌ଙ୍କୁ ଗେଟ୍ ବନ୍ଦ

ଜୟପୁର,୨୫।୧୨(ପବନ ପାଣିଗ୍ରାହୀ)

ଦୁଇ ମାସର ଦରମା ଦାବି କରି କାଗଜ କଳ ଶ୍ରମିକମାନେ ୟୁନିଟ୍ ହେଡ୍‌ଙ୍କୁ କାରଖାନା ଗେଟ୍ ବନ୍ଦ କରି ରଖିଛନ୍ତି। ନଭେମ୍ବର ୫ରେ ୟୁନିଟ୍ ହେଡ ୩ଟି ୟୁନିୟନ ସହ କରିଥିବା ବୁଝାମଣା ଅନୁସାରେ ବର୍ତ୍ତମାନ ସୁଦ୍ଧା ଶ୍ରମିକ ମାନଙ୍କୁ ସର୍ତ୍ତ ଅନୁଯାୟୀ ଦରମା ଦେଇନାହାନ୍ତି। ଯେଉଁସବୁ ବିଷୟ ସମାଧାନ ପାଇଁ ଲିଖିତ ବୁଝାମଣା ହୋଇଥିଲା ତାହା ମଧ୍ୟ ପାଳନ ହୋଇନାହିଁ। ଏଯାବତ୍ କାରଖାନା ଠିକ୍ ଭାବେ ଚାଲୁନାହିଁ। ଏସବୁର ପ୍ରତିବାଦରେ ଶ୍ରମିକମାନେ ୟୁନିଟ୍ ହେଡ୍‌ଙ୍କୁ ଗେଟ୍ ବନ୍ଦ କରି ରଖିଥିବା ଜଣାପଡିଛି।

### ଟ୍ରକ୍-ବାଇକ ଧକ୍କା: ଜଣେ ମୃତ

କୋରାପୁଟ,୨୫।୧୨(ଅମିତାଭ ବେହେରା)

କୋରାପୁଟ ସହରର ଭବାନୀ ନଗରଠାରେ ସୋମବାର ରାତିରେ ଏକ ଟ୍ରକ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେ ହେଲେ ସାଇଲ ଖରା (୨୫), ତାଙ୍କ ଘର କୋରାପୁଟ ରେଳ ଷ୍ଟେସନ ନିକଟରେ ବୋଲି ଜଣାପଡିଛି। ଟ୍ରକ-ବାଇକ ଧକ୍କା ହେବା ପରେ ଚାଳକ ସାଇଲ ଗୁରୁତର ହୋଇପଡିଥିଲେ। ତାଙ୍କ ହେଲମେଟ୍ ଭାଙ୍ଗି ମୁଣ୍ଡ ଫାଟି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଟାଉନଥାନା ପୋଲିସ ୧୦୮ ଆମ୍ବୁଲାନ୍ସରେ ମେଡିକାଲ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ମୋହନା,୨୫।୧୨(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ମଳାସପଦର ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ(୨୩) ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ମା' ଏ ନେଇ ମୋହନା ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ ପୋଲିସ ଏକ ମାମଲା (୨୨୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚିନ୍ତାମଣି ଯାନୀ(୨୪)। ଯୁବତୀଙ୍କୁ ନିଜ ଘର କାମ କରାଇବା ବାହାନାରେ ଚିନ୍ତାମଣି ଡାକି ନେଇ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଏସଆଇ ଜୟନ୍ତୀ ପୂର୍ତ୍ତି କହିଛନ୍ତି।

# ଖୃନବରରେ ଶିକ୍ଷା ପାଇଁ ଚାଲିବାକୁ ପଡେ ୬ କି.ମି.

ନନ୍ଦପୁର, ୨୨।୧୨(ଶଙ୍କର ପୂଜାରୀ)


ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷା ଗ୍ରହଣ କରୁଥିବା ପିଲାମାନେ।

ଆନ୍ଧ୍ର ସୀମାନ୍ତ ନନ୍ଦପୁର ବ୍ଲକରେ ୯୯ ପ୍ରତିଶତ ଆଦିବାସୀ ଲୋକଙ୍କ ବାସସ୍ଥଳୀ। ବ୍ଲକର ଖୃନବର ପଞ୍ଚାୟତରେ ଶିକ୍ଷା ବିଭାଗ କିମ୍ବା ମଙ୍ଗଳ ବିଭାଗର ବିଦ୍ୟାଳୟ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ପାଇଁ ୬ କି.ମି. ଯିବାକୁ ପଡୁଛି। ଗ୍ରାମରୁ ଦୈନିକ ୬ କି.ମି. ଦୂର ନନ୍ଦକା ଗ୍ରାମର ୧୫ ଜଣ ଓ କୋନା ଗ୍ରାମର ୬୮ଜଣ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଯାତାୟାତ କରି ପାଠ ପଢୁଛନ୍ତି। ବର୍ତ୍ତମାନ ଖୃନବରସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ୦ରୁ ୩ବର୍ଷ ବୟସର ୨୩ଜଣ ଓ ୪ରୁ ୬ବର୍ଷ ୪୦ଜଣ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି। ସେମାନଙ୍କ ଭବିଷ୍ୟତ ମଧ୍ୟ ଏପରି ହେବ ବୋଲି ଅନୁମାନ କରାଯାଉଛି। ଓଡ଼ିଶା ସରକାର ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦେଖି ମଧ ଶିକ୍ଷା କିମ୍ବା ମଙ୍ଗଳ ବିଭାଗର ବିଦ୍ୟାଳୟ ଖୋଲି ପିଲାଙ୍କ ଭବିଷ୍ୟତ ଗଠନ କରିବାରେ ଉପେକ୍ଷା କରୁଥିବାରୁ ପଡ଼ୋଶୀ ଆନ୍ଧ୍ର ପ୍ରୋତ୍ସାହନ ଯୋଗାଇ ମାଳିପୁଟ ଓ ରାଙ୍ଗିନିଗୁଡ଼ା ଗ୍ରାମରେ ଥିବା ବିଦ୍ୟାଳୟରେ ୨୦ ପିଲାଙ୍କ ନାମ ଲେଖାଇ ତେଲୁଗୁ ଶିକ୍ଷା ଦେଉଥିବା ଦେଖିବାକୁ ମିଳୁଛି। ଆମେ ଓଡ଼ିଶାବାସୀ ଓଡ଼ିଆ ପଢ଼ିବାକୁ ଚାହୁଁ। ଆମ ପଞ୍ଚାୟତ ସଦର ମହକୁମାରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉ ବୋଲି ଖୃନବର, ଭାଲୁଗୁଡ଼ା, ଜାମଗୁଡା, ଭିମିଟି ଗୁଡା, ଡେଙ୍ଗିଆମ୍ବ ଗ୍ରାମର ବାସିନ୍ଦା ବିଶ୍ୱନାଥ ଗେମେଲ, କାନ୍ଦୁ ଖରା, ଆପନା ଖରା, ପତି ଖିଲ, ସୀତାରାମ ପାଙ୍ଗୀ, ଡମ୍ବୁ ଖରା ପ୍ରମୁଖ ଦାବି କରିଛନ୍ତି । ଏନେଇ ଚଳିତ ମାସ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ଅଭିଯୋଗପତ୍ର ପ୍ରଦାନ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲାପାଳ ଏହାକୁ ଗୁରୁତର ସହ ନେଇ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କୁ ଖୃନବର ପଞ୍ଚାୟତ ଓ ସମ୍ପୃକ୍ତ ଗ୍ରାମ ପରିଦର୍ଶନକରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା ଖୃନବର ପଞ୍ଚାୟତ ପରିଦର୍ଶନକରି ଗ୍ରାମବାସୀଙ୍କ ସହ ଆଲୋଚନାକରି ବାସ୍ତବ ସ୍ଥିତି ପରଖିଛନ୍ତି। ଖୃନବର ପଞ୍ଚାୟତ ୧୫ଟି ଗ୍ରାମକୁ ନେଇ ଗଠିତ। କେବଳ କରଞ୍ଜଗୁଡା ଗ୍ରାମର ଗୋଟିଏ ପରିବାରକୁ ଛାଡ଼ିଦେଲେ ସମସ୍ତେ ଆଦିବାସୀ ସମ୍ପ୍ରଦାୟର। ୧୦ ବର୍ଷ ତଳେ ଖୃନବର ଗ୍ରାମରେ ଥିବା

- ସ୍ଥିତି ପରଖିଲେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ
- ଆମେ ଓଡ଼ିଶାବାସୀ ଓଡ଼ିଆ ପଢ଼ିବାକୁ ଚାହୁଁ
- ୧୦ ବର୍ଷ ତଳୁ ଖୃନବର ଗ୍ରାମରେ ଥିବା ବିଦ୍ୟାଳୟ ବନ୍ଦ

ଶିକ୍ଷା ବିଭାଗର ବିଦ୍ୟାଳୟକୁ ବିଭାଗ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ବନ୍ଦ କରି ନିଯୁକ୍ତ ଶିକ୍ଷକଙ୍କୁ କୋନା ବିଦ୍ୟାଳୟକୁ ସ୍ଥାନାନ୍ତରିତ କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ଖୃନବର ଗ୍ରାମରୁ ୩୫ଜଣ ପିଲା, ଭାଲୁଗୁଡା ଗ୍ରାମରୁ ୮ଜଣ, ଭିମିଟିଗୁଡା ଗ୍ରାମରୁ ୧୨ଜଣ, ଡେଙ୍ଗିଆମ୍ବ ଗ୍ରାମର ୧୮ଜଣ ଓ ମଜାଗୁଡା ଗ୍ରାମର ୧୦ଜଣ ଏପରି ୮୩ଜଣ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ୬ କି.ମି.ଦୂର ଚାଲିଚାଲି କୋନା ଓ ନନ୍ଦକା ବିଦ୍ୟାଳୟକୁ ଯାତାୟାତ କରି ଶିକ୍ଷା ଗ୍ରହଣ କରୁଛନ୍ତି। ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଡ଼ୋଶୀ ଆନ୍ଧ୍ରର ମାଳିପୁଟ ଓ ରାଙ୍ଗିନିଗୁଡା ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ଗ୍ରାମବାସୀ କହିଛନ୍ତି। ସେହିପରି ଏବେ ଖୃନବର ଅଙ୍ଗନୱାଡି କେନ୍ଦ୍ରରେ ୦ ରୁ ୩ବର୍ଷ ୨୩ଜଣ ଓ ୪ ରୁ ୬ବର୍ଷର ୪୦ଜଣ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଥିବା ଅଙ୍ଗନୱାଡି କର୍ମୀ ସୁବର୍ଣ୍ଣ ଖିଲ ଓ ନନ୍ଦପୁର ସିଡିପିଓ ମିନତିବାଳା ପଟ୍ଟନାୟକ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପରିଡ଼ାଙ୍କୁ ଅବଗତ କରାଇଛନ୍ତି। ସଂଗୃହୀତ ତଥ୍ୟ ଜିଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡିଙ୍କ ମାଧ୍ୟମରେ ଜିଲାପାଳଙ୍କୁ ପ୍ରଦାନ କରାଯିବ। ମଙ୍ଗଳ ବିଭାଗ ଅଧୀନରେ ଉକ୍ତ ଅଞ୍ଚଳରେ ଏକ ଆବାସିକ ବିଦ୍ୟାଳୟ ଖୋଲିବାକୁ ସେ ପ୍ରସ୍ତାବ ଦେବେ ବୋଲି ପରିଡ଼ା କହିଛନ୍ତି।

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସଂଯୋଜକ କର୍ମଶାଳା

ମୁନିଗୁଡ଼ା,୨୫।୧୨(ରାଧେଶ୍ୟାମ ଅଗ୍ରୱାଲ)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ ଦିବସକୁ ସମଗ୍ର ଦେଶ ସୁଶାସନ ଦିବସ ଭାବେ ପାଳନ କରିଆସୁଛି। ଏହି ଅବସରରେ ମୁନିଗୁଡ଼ା ମଣ୍ଡଳ ଭାଜପା ପକ୍ଷରୁ ସ୍ଥାନୀୟ ସୁଭଦ୍ରା- ଉଦ୍ଧବ ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ସୁଶାସନ ଦିବସ ପାଳନ କରାଯାଇଥିଲା। ମଣ୍ଡଳ ସଭାପତି ଜଗା ଶବରଙ୍କ ସଭାପତିତ୍ୱ ଓ ଜିଲା ସମ୍ପାଦିକା ସୁଶୀଳା ସରାଫଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ମୁଖ୍ୟବକ୍ତା ବରିଷ୍ଠ ଖବରଦାତା ମନୋରଞ୍ଜନ ଦଳାଇ,ଅନ୍ୟତମ ସମ୍ମାନନୀୟ ବକ୍ତା ଜିଲା ସାଧାରଣ ସମ୍ପାଦକ ରାମକୃଷ୍ଣ ପଣ୍ଡା,ଜନସେବା କେନ୍ଦ୍ର ପରିଚାଳକ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଅଟଳଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ମୁଖ୍ୟବକ୍ତା ଦଳାଇ ବାଜପେୟୀଙ୍କ କାଳଜୟୀ କୃତି, ଦେଶପ୍ରେମ,ବୈଦେଶିକ ନୀତି,ପରାକ୍ରମ ଏବଂ ତାଙ୍କ ଯୁଗାନ୍ତକାରୀ ଜନକଲ୍ୟାଣକାରୀ ଯୋଜନା ଉପରେ କହିଥିଲେ। ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ବେହେରା ଓ ଜିଲା ସାଧାରଣ ସମ୍ପାଦକ ରାମକୃଷ୍ଣ ପଣ୍ଡା ବାଜପେୟୀଙ୍କ ସୁଶାସନ ଉପରେ ମନ୍ତବ୍ୟ ରଖିବା ସହିତ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଉପରେ କହିଥିଲେ।

ସେହିପରି ଜନସେବା କେନ୍ଦ୍ର ପରିଚାଳକ ସ୍ୱାଇଁକିପରିହିତାଧିକାରୀମାନେ ଏହି ଯୋଜନାରେ ସାମିଲ ହୋଇ ଉପକୃତ ହେବେ ଲୋକମାନଙ୍କୁ ବୁଝାଇଥିଲେ। ମୁନିଗୁଡ଼ାର ୧୭ ପଞ୍ଚାୟତର ଶତାଧିକ କୌଳିକ ବୃତ୍ତିଧାରୀ ହିତାଧିକାରୀ ଯୋଗଦେଇ ସେମାନଙ୍କ ଲାଗି ଅଭିପ୍ରେତ ବିଶ୍ୱକର୍ମା ଯୋଜନା ଉପରେ ବୁଝିବା ସହ ଏହି ଯୋଜନାରେ କିପରି ସଂଯୁକ୍ତ ହେବେ ସେନେଇ ଆଶାବାଦୀ ଥିବା ଜଣାପଡୁଥିଲା। କାର୍ଯ୍ୟକ୍ରମକୁ ଭାଜପା ବିସ୍ତାରକ ବ୍ରଦସ ପାତ୍ର, ମୀନକେତନ ଗୌଡ଼,ପୁରନ୍ଦର କାଶୀ ଓ ଗରିବ ଗରଡ଼ିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ଜୟପୁରକୁ ଜିଲା ମାନ୍ୟତା ଦାବି

ଜୟପୁର,୨୫।୧୨(ପବନ ପାଣିଗ୍ରାହୀ)

ଜୟପୁରକୁ ଜିଲା ମାନ୍ୟତା ଦାବିରେ ସ୍ଥାନୀୟ ରାଜନଗର ଛକଠାରେ ଶୁକ୍ରବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ, ସାମାଜିକ କର୍ମୀ, ଛାତ୍ରନେତା ଏବଂ ଯୁବକ ଯୋଗଦେଇଥିଲେ। କୋରାପୁଟ ଇତିହାସରୁ ଜଣାପଡ଼େ ଜୟପୁର ସେସମୟରେ ରାଜ୍ୟର ରାଜଧାନୀ ରହି ଆସିଛି। ଭୌଗୋଳିକ, ସାମାଜିକ, ଐତିହାସିକ ଏବଂ ପାରମ୍ପରିକ ଦୃଷ୍ଟିରୁ ଜୟପୁରକୁ ଜିଲା ଦାବି କରିବା ଏକ ନ୍ୟାଯ୍ୟ ଦାବି। ୧୯୮୯ରୁ ଜୟପୁର ଜିଲାର ମାନ୍ୟତା ଦାବି କରିଆସିଛି। କୋରାପୁଟ ଆୟତନରେ ଜୟପୁର ଏବେ ମଧ୍ୟ ଓଡ଼ିଶାରେ ତୃତୀୟ ବୃହତ୍ତମ ଅଞ୍ଚଳ । ଆଦିବାସୀ ଅଧ୍ୟୁଷିତ ଓ ଅନୁନ୍ନତ ଅଞ୍ଚଳ ହୋଇଥିବାରୁ ଜିଲାର କୋଣ ଅନୁକୋଣରେ ରହୁଥିବା ବାସିନ୍ଦା ବିଭିନ୍ନ ସରକାରୀ ଯୋଜନା ଏବଂ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ସରକାର ଏବଂ ସରକାରୀ ଯୋଜନା ସୀମାନ୍ତ ଅଞ୍ଚଳରେ ଠିକ୍ ଭାବେ ନ ପହଞ୍ଚିବାରୁ ସେଠାକାର ବସିନ୍ଦା ବାଧହୋଇ ପଡ଼ୋଶୀ ରାଜ୍ୟ ପ୍ରତି ଆକୃଷ୍ଟ ହେଉଛନ୍ତି। ପଡ଼ୋଶୀ ରାଜ୍ୟ ଅଧିକାରୀମାନେ ମଧ୍ୟ ସେମାନଙ୍କୁ ପ୍ରଲୋଭିତ କରି ନିଜ ସପକ୍ଷରେ ନେବାକୁ ସଫଳ ହେଉଛନ୍ତି ବୋଲି ଉପସ୍ଥିତ ଜନସାଧାରଣ ପ୍ରକାଶ କରିଥିଲେ। କୋରାପୁଟ ଜିଲାରେ ବର୍ତ୍ତମାନ ୧୪ଟି ବ୍ଲକ ରହିଛି। ଏହାର ଆୟତନ ୮୮୦୭ ବର୍ଗ କି.ମି.। ଜୟପୁର ଉପଖଣ୍ଡରେ ୫ଟି ବ୍ଲକ ଏବଂ କୋରାପୁଟ ଉପଖଣ୍ଡରେ ୯ଟି ବ୍ଲକ ରହିଛି। ଯଦି ୭ଟି ଲେଖାଏ ବ୍ଲକକୁ ନେଇ ଦୁଇଟି ଜିଲା କୋରାପୁଟ ଏବଂ ଜୟପୁର ଗଠନ ହୋଇ ଥାଆନ୍ତା ତେବେ ଉଭୟ ଜିଲାର ଜିଲା ପ୍ରଶାସନ ପ୍ରତ୍ୟେକ ଲୋକଙ୍କ ନିକଟରେ ସରକାରୀ ସେବା ପହଞ୍ଚାଇବାରେ ସଫଳ ହୋଇଥାନ୍ତେ। ଏହାକୁ ବିଚାରକୁ ନେଇ ଜୟପୁରକୁ ଏକ ଜିଲାରେ ପରିଣତ କରିବାକୁ ଉପସ୍ଥିତ ବୁଦ୍ଧିଜୀବୀ ମତ ଦେଇଥିଲେ। ସୂଚନାଯୋଗ୍ୟ, ୧୯୮୯ରେ ଜୟପୁର ଜିଲା ହେବା ପାଇଁ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ହେଇସାରିଥିଲେ ମଧ୍ୟ ଏହା ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ ହୋଇ ନ ଥିଲା। ସେହିପରି ୧୯୯୨ରେ ମଧ୍ୟ ଯେତେବେଳେ କୋରାପୁଟକୁ ୪ଟି ଜିଲାରେ ବିଭକ୍ତ କରାଯାଇଥିଲା ସେତେବେଳେ ଜୟପୁରକୁ ଏକ ଜିଲାର ମାନ୍ୟତା ଦେବା ପାଇଁ ସ୍ଥିର ହୋଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଥିବା ସମସ୍ତ ମାପଦଣ୍ଡ ଯାହାକି ଆଦିବାସୀ ବହୁଳ, ଜନସଂଖ୍ୟା, ପରିସୀମା ଆଦି କ୍ଷେତ୍ରରେ ଜୟପୁର ଜିଲା ହେବା ପାଇଁ ସବୁ ପୂରଣ କରୁଛି। ଏଣୁ ଏହାକୁ ଜିଲା ଘୋଷଣା କରିବାକୁ ସରକାର ପଦକ୍ଷେପ ନେବାକୁ ସବୁ ବର୍ଗରୁ ଦାବି ହେଉଛି। ଏହି ଅବସରରେ ବ୍ୟବସାୟୀ ସଂଘ ଅଧ୍ୟକ୍ଷ ଭି. ପ୍ରଭାକର, ଅବସରପ୍ରାପ୍ତ ସରକାରୀ ଅଧିକାରୀ କମଳାକାନ୍ତ ରଥ, କଳାକାର ଧୀରେନ ମୋହନ ପଟ୍ଟନାୟକ, ସାମାଜିକ କାର୍ଯ୍ୟକର୍ତ୍ତା ଗୁପ୍ତପ୍ରକାଶ ଦାସ, କେ. ସତିଶ, ଆରକୁଲୁ ଶ୍ରୀନୁ, ସନ୍ଦିପ ସାମନ୍ତରାୟ, ରଘୁ ନାୟକ, ଜି. ବସନ୍ତ ରାଓ, ସାଇ ବାବୁ , ନିଶାନ ପଟ୍ଟନାୟକ, ବିକାଶ ଅଗ୍ରୱାଲ, ବୁଲୁ ଦେବଶର୍ମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମଧ୍ୟ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଲୋକଙ୍କୁ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା।

## ସ୍ତ୍ରୀ,ଶାଶୁଙ୍କୁ ଆକ୍ରମଣ ଅଭିଯୋଗ, ଯୁବକ ଗିରଫ

ଗୋପାଳପୁର,୨୫।୧୨(ନବୀନ ରାଜ ଆଚାରୀ)

ସ୍ତ୍ରୀ ଓ ଶାଶୁଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସୋମବାର ଗୋଳନ୍ଥରା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ କେ ସୁବାଣୀ ଗ୍ରାମର କେ ଶେଖର (୩୨)। ସୁବାଣୀ ଗ୍ରାମର ଆର ପୋଲାମାଙ୍କ ଝିଅ ଆର ପଦ୍ମାଙ୍କୁ ସେହି ଗ୍ରାମର କେ ଶେଖର ଗତ ୮ ବର୍ଷତଳେ ବିବାହ କରିଥିଲେ। କିଛି ମାସ ପରେ କୌଣସି କଥା ନେଇ ଉଭୟଙ୍କ ମଧ୍ୟରେ କଳହ ଲାଗିରହିଥିଲା। ସ୍ତ୍ରୀ ପଦ୍ମାଙ୍କୁ ଶେଖର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଦୁଇ ବର୍ଷ ହେଲା ପଦ୍ମା ମା ଘରେ ରହୁଥିଲେ। ଗତ ୨୩ ତାରିଖ ଭୋର ୫ଟାରେ ମା' ଓ ଝିଅ ପଦ୍ମା ପୋଖରୀକୁ ଗାଧୋଇବାକୁ ଯାଉଥିବା ବେଳେ ଶେଖର ସ୍ତ୍ରୀ ପଦ୍ମାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ନିକଟରେ ଥିବା ମା' ପୋଲାମା ପ୍ରତିବାଦ କରିବାରୁ ତାଙ୍କୁ ବି ଆକ୍ରମଣ କରିଥିଲେ। ଉଭୟଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ପୋଲାମା ଥାନାରେ ଏତଲା ଦେବାରୁ ପୋଲିସ ୬୪୭/୨୩ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ୧୯୯୦ ବ୍ୟାଚ୍‌ର ବନ୍ଧୁମିଳନ

ଗୁଣପୁର, ୨୫।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଶତାବ୍ଦୁ ଉଚ୍ଚ ବିଦ୍ୟାଳୟର ୧୯୯୦ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଡ. ପ୍ରଶାନ୍ତ ହୋତା, ପଞ୍ଚାନନ ଶତପଥୀ, ସଞ୍ଜୀବ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କାଲୁ ଗୌଡ଼, ସୁବୁଦ୍ଧି ଅନିଲ, ଅଶୋକ ସାହୁକାର, ଗୟା ବେହେରା, ସୁବୁଦ୍ଧି ଗୋପାଳ, ଚନ୍ଦ୍ର ଶେଖର, ଜୟ ପଣ୍ଡା, ମୁନା ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମୀନ କେତନ ସାହୁ ଏହାକୁ ପରିଚାଳନା କରିଥିଲେ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ବନ୍ଧୁମାନେ ସପରିବାର ଯୋଗ ଦେଇଥିଲେ। ଏହି ଅବସରରେ ଦିବଙ୍ଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରତିବର୍ଷ ଡିସେମ୍ବର ମାସର ଚତୁର୍ଥ ରବିବାର ଏଭଳି ବନ୍ଧୁ ମିଳନ କରିବାକୁ ବନ୍ଧୁମାନେ ନିଷ୍ପତ୍ତି ନେଇଥିଲେ।

## ଭଗବତ୍ ଗୀତା ପାରାୟଣ ଦ୍ୱାରା ମାନସିକ ସ୍ଥିରତା ଆସିଥାଏ

କୋରାପୁଟ/ଜୟପୁର,୨୫।୧୨
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

କୋରାପୁଟର ଶ୍ରୀରାମକୃଷ୍ଣ ସତସଂଘ ପକ୍ଷରୁ ଜେଲ କଲୋନୀଠାରେ ଥିବା ରାଧାକୃଷ୍ଣ ମନ୍ଦିରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ଭଗବତ ଗୀତା ପାରାୟଣ ଦ୍ୱାରା ମାନସିକ ସ୍ଥିରତା ଆସିଥାଏ ବୋଲି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରବଚକମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡ. ଅମୂଲ୍ୟ ମହାପାତ୍ର, ବିଜୟା ମହାପାତ୍ର, ଲକ୍ଷୀ ପଣ୍ଡା, ତପସ୍ୱିନି ମହାପାତ୍ର, ଉମା କୁମାରୀ ସାହୁ ପ୍ରମୁଖ ଗୀତାର ଉପାଦେୟତା, କର୍ମ ଭକ୍ତି ଓ ଜ୍ଞାନଯୋଗ ଉପରେ ନିଜ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସତସଂଘଠାରେ ଭଗବତଗୀତା ପରାୟଣା କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ. ଜଗବନ୍ଧୁ ସାମଲ ପରିଚାଳନା କରିଥିଲେ । ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଭଗବତଗୀତା ପରାୟଣ ଶୁଣିଥିଲେ। ସେହିପରି ସହରର ଜେଲ କୋଲନୀଠାରେ ଥିବା ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗୀତା ଜୟନ୍ତୀ ସହ ଭାଗବତ ଗୀତା ପରାୟଣ ଅନୁଷ୍ଠିତ ହୋଇଛି।

ଜୟପୁର ଗୀତା ଭବନଠାରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସୂର୍ଯ୍ୟ ପୂଜା, ବରୁଣ ପୂଜା, ଆବାହନ ସହ ଶ୍ରୀମଦ୍ ଭଗବତ ଗୀତାର ୭୦୦ ଶ୍ଲୋକ ଘୃତାହୁତି ପ୍ରଦାନ କରାଯାଇଥିଲା। ମୂଖ୍ୟ ପୁରୋହିତ ଭାବେ କୃଷ୍ଣଚନ୍ଦ୍ର ଦାଶ, ପୁସ୍ତକାଚାର୍ଯ୍ୟ ଭାବେ ପଣ୍ଡିତ ଗୀତା ପ୍ରକାଶ ମିଶ୍ର, କର୍ତ୍ତାଭାବେ ସୂର୍ଯ୍ୟ ନାରାୟଣ ଦାଶ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେମ୍। ଗୀତା ଭବନର ସମ୍ପାଦକ ଭବାନୀ ଚରଣ ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ନନ୍ଦପୁରରେ ଶାନ୍ତିଶୃଙ୍ଖଳାରେ ବଡ଼ଦିନ ପାଳିତ

ନନ୍ଦପୁର, ୨୫।୧୨(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଅଞ୍ଚଳରେ ଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଶାନ୍ତିଶୃଙ୍ଖଳା ଓ ହର୍ଷ ଉଲ୍ଲାସରେ ବଡଦିନ ପାଳନ କରିଛନ୍ତି। ଗ୍ରାମାଞ୍ଚଳରେ ଥିବା ଚର୍ଚ୍ଚଗୁଡ଼ିକର ଆଲୋକୀକରଣ ସାଙ୍ଗକୁ ନୂଆ ବସ୍ତ୍ର, ନାଚ ଗୀତ ଓ ଭୋଜିଭାତର ଆୟୋଜନ କରି ଯିଶୁଙ୍କ ଜନ୍ମଦିନ ପାଳନ କରିଥିଲେ। ନନ୍ଦପୁର ବ୍ଲକ ସଦର ମହକୁମାରେ ଥିବା ଚର୍ଚ୍ଚରେ ସୋମବାର ପାଳକ ବିମଳ ରାଓ ସ୍ମିଥ ଖ୍ରୀଷ୍ଟ ଧର୍ମାବଲମ୍ବୀ ମହିଳା ପୁରୁଷ ଯୁବତୀ ଯୁବକଙ୍କୁ ଚର୍ଚ୍ଚ ପରିସରରେ ବାଇବେଲ ପାଠନ କରାଇ କେକ୍ କାଟି ଯୀଶୁ ଖ୍ରୀଷ୍ଟଙ୍କ ଜୟନ୍ତୀ ପାଳନ କରିଥିଲେ। ଯୁବତୀଯୁବକ ଓ ମହିଳାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋହନ ରାଓ ସ୍ମିଥ, ସଞ୍ଜୀବ ଖରା, ଟଙ୍କଧର ଖରା, କମଲ ରାଓ ସ୍ମିଥ, ନବୀନ ଖରା ଓ ଆନନ୍ଦ ସ୍ମିଥ ପ୍ରମୁଖ ଉପସ୍ଥିତ ରହି ବଡ଼ଦିନ ପର୍ବ ପାଳନ କରିଥିଲେ।


ବଡ଼ଦିନ ଅବସରରେ ବାଇବେଲ ପାଠ କରାଯାଉଛି ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

କୋରାପୁଟ,୨୫।୧୨
(ଅମିତାଭ ବେହେରା)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟଠାରେ ସୋମବାର ସନ୍ଧ୍ୟାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜୟନ୍ତୀ ପାଳିତ ହୋଇଯାଇଛି। କୋରାପୁଟ ଜିଲା ଭାଜପା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ବିଜୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଅତିଥିମାନେ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସୁଶାସନ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ ଭାଜପା ସମ୍ପାଦିକା ପୂର୍ଣ୍ଣିମା ନାୟକ, ଆଲୋଚକ ବିଜୟ ପ୍ରଧାନ, ଦେବୀ ପ୍ରସାଦ କର, ଭାଜପା ନେତା ରଘୁରାମ ମାଛ, ଭାଗୀରଥି ପାଟନିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବୁଦ୍ଧିଜୀବୀମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅକ୍ଷୁର୍ଣ୍ଣ ଭାରତ ଗଢିବା ନେଇ ରହିଥିବା ସ୍ୱପ୍ନକୁ ପୂରଣ କରିବା ଲାଗି ସଂକଳ୍ପ ନେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଗାଁରେ ପଡୁନି ପ୍ରଶାସନିକ ଅଧିକାରୀଙ୍କ ପାଦ

ଦଶମନ୍ତପୁର,୨୫।୧୨ (ଅରବିନ୍ଦ ନାୟକ)

ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ପ୍ରଶାସନିକ ଅଧିକାରୀମାନଙ୍କ ପାଦ ପଡୁନି। ଫଳରେ ବ୍ଲକର ବିଭିନ୍ନ ଗ୍ରାମରେ ବହୁ ସମସ୍ୟା ଥିଲେ ମଧ ତାହା ସମାଧାନେ ହୋଇପାରୁନି। ସରକାରଙ୍କ ପକ୍କାଘର, ଆବାସ ଆଦି ବିଭିନ୍ନ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚୁନି। ଏପରି ଦେଖିବାକୁ ମିଳିଛି ପିଣ୍ଡାପଦର ପଞ୍ଚାୟତର ଲୋରେଶ ଗ୍ରାମରେ। ଗ୍ରାମରେ ୩୫ ଘର ଆଦିବାସୀ, କମାର ଓ ପାଇକ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ବ୍ଲକଠାରୁ ଲୋରେଶ ଗ୍ରାମ ୯ କି.ମି. ଦୂରରେ ରହିଥିଲେ ମଧ ଅନ୍ଧାରୀ ଗାଡ଼ ନଦୀ ଯୋଗୁ କୌଣସି ବିକାଶ ଗ୍ରାମରେ ପହଞ୍ଚିପାରୁନି। ଗମନା ଗମନ, ଶିକ୍ଷା, ପାନୀୟ ଜଳ ଏବଂ ବିଦ୍ୟୁତ ଆଦି ଯୋଜନାରୁ ବଞ୍ଚିତ ଗ୍ରାମବାସୀ ଅସୁସ୍ଥ ବ୍ୟକ୍ତି କିମ୍ବା ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାରେ ପହଞ୍ଚାଇବାକୁ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଶିକାକୁ ମାଳ କରି ଦୋଳାରେ ବୋହି ସେମାନେ ଅସୁସ୍ଥଙ୍କୁ ମରିଚଗୁଡ଼ା ଯାଏ ନେଇ ସେଠାରୁ ଡାକ୍ତରଖାନା ନେଇଥାନ୍ତି ବୋଲି କହିଛନ୍ତି। ସମସ୍ୟା ଘେରରେ ରହିଥିବା ଲୋରେଶ ଗ୍ରାମରେ ବହୁ ସମସ୍ୟା ରହିଥିଲେ ମଧ୍ୟ ଏଯାଏ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡିନି। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳର ନେତା ମିଛ ପ୍ରତିଶ୍ରୁତି ଦେଇ ବିଜୟୀ ହେବା ପରେ ଗ୍ରାମକୁ ଭୁଲିଯାଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମକୁ ପକ୍କା ରାସ୍ତା, ପାନୀୟ ଜଳ ବ୍ୟବସ୍ଥା ସହ ଗ୍ରାମର ସମସ୍ୟା ଦୂର ନ କଲେ ଏହାର ଜବାବ ଆମେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରି ଏହାର ଜବାବ ଦେବୁ ବୋଲି କହିଛନ୍ତି ଗ୍ରାମର ସନାରୀ ଜାନି, ବୁଲା କୁଲିସିକା, ଧୋବା ସାଉଁତା, ପ୍ରତାପ ସାଉଁତା, ରଞ୍ଜ ମିଣିଆକା, ଉଦ୍ଧବ ସାଉଁତା, ଚନ୍ଦ୍ର ପାଇକ, କାଳିଆ ଜାନି ଓ ଲୋଚ ସାଉଁତା। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ଲୋରେଶ ଗ୍ରାମ।

